## ଆପଣଙ୍କ ମତାମତ




### ସେମାନେ ସକ୍ଷମ ଅତି ଚମତ୍କାର

ଏଥର ମୁଖ୍ୟ ପ୍ରସଙ୍ଗ ବହୁତ ଭଲ ହୋଇଥିଲା । ମୁଁ ପଢ଼ି ବିମୋହିତ ହୋଇଗଲି । ସତରେ 'ସେମାନେ ସକ୍ଷମ' ଶୀର୍ଷକ ହିଁ ଅନେକ କିଛି ଶିକ୍ଷା ଦେଉଛି । ସେହିପରି ବିଶେଷ ପୃଷ୍ଠା ମଧ୍ୟ ମନ ଜିଣିଲା । ରମାଦେବୀଙ୍କ ସମ୍ପର୍କରେ ଅନେକ କିଛି ଜାଣିବାକୁ ପାଇଲି ।

- ସୋମା ଚାନ୍ଦ, କଟକ

### ବିଶେଷ ମନେ ରହିବ

ବିଶେଷ ପୃଷ୍ଠାରେ ପ୍ରକାଶିତ ରମା ଦେବୀଙ୍କ ସମ୍ପର୍କରେ ଲେଖାଟି ପଢ଼ି ବହୁତ ଖୁସି ହେଲି । ସତରେ ଏ ଲେଖାଟି ମୋର ସବୁଦିନ ମନେ ରହିବ ।

- କୈଳାଷ ହୋତା, ଖୋର୍ଦ୍ଧା

### ସେଦିନ ଏଦିନ ଜମୁଛି

ସେଦିନ ଏଦିନ ଜମୁଛି । ମୁଁ ଏ ପୃଷ୍ଠାର ଆଲେଖ୍ୟ ସବୁଥର ପଢ଼େ, ଏଥର ବି ପଢ଼ି ବିମୋହିତ ହେଲି । ସେହିପରି ମୁଖ୍ୟ ପ୍ରସଙ୍ଗ ମଧ୍ୟ ଭଲ ହୋଇଥିଲା । ସୃଜନ ପୃଷ୍ଠାର ଗପ ଶିକ୍ଷଣୀୟ ଥିଲା ।

- ଅଶୋକ ଧଳ, ପୁରୀ

### ସ୍ୱାସ୍ଥ୍ୟ ସ୍ୱତନ୍ତ୍ର ଉପାଦେୟ

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର 'ଶୀତରେ ରୂପ ଚର୍ଚ୍ଚା' ଉପାଦେୟ । ଏହି ପୃଷ୍ଠାରୁ ଅଧିକ କିଛି ଜାଣିବାକୁ ପାଇଲି । ସେହିପରି ସେଦିନ ଏଦିନ ମଧ୍ୟ ଏକ ଭଲ ବିଭାଗଟି ।

- ନେହା ଖାଁ, କେନ୍ଦ୍ରାପଡ଼ା

### ମତେ ଭଲ ଲାଗେ ମନୋରଞ୍ଜନ

ମତେ ଭାରି ଭଲ ଲାଗେ ମନୋରଞ୍ଜନ । ଏଥର ବରୁଣଙ୍କ ନାୟିକା ହେବେ କିଆରା ବିଷୟରେ ପଢ଼ି ଖୁସିହେଲି । ସେହିପରି ବିଶେଷ ପୃଷ୍ଠାରୁ ରମାଦେବୀଙ୍କ ସମ୍ପର୍କରେ ଅନେକ କିଛି ଜାଣିବାକୁ ପାଇଲି । ◆

- ଗୟାଧର ଜେନା, ପାଇକମାଳ

## ପ୍ରତିଭାର ପିଲାଦିନ

# ଅୟସକାନ୍ତ

ମୋ ପିଲାଦିନ ଏକ ଅଜବ ସମୟ ମୋ ଜୀବନର କିଛି ନଟ୍ ଖଟ୍, କିଛି ସାଧବ ବୋହୂଆ ସକାଳ ପରି ରଙ୍ଗୀନ, କିଛି କୋଇଲିର କୁହୁ ମିଶା ବସନ୍ତ ପବନ ପରି ଧୀର ପୁଣି ଅଳ୍ପ ଦୁଷ୍ଟ ଥିଲା । ସେ ଝଡ଼ ବର୍ଷା ଘଡ଼ଘଡ଼ିକୁ ଡ଼ର ଲାଗୁଥିଲା । ବଢ଼ି ପାଣିକୁ ଦେଖି ଖୁସି ଲାଗୁଥିଲା, ଡର ବି । ଘରଠୁ ଅଳ୍ପ ଦୂର ବ୍ରାହ୍ମଣୀ ନଈ । ଛୋଟିଆ କଳାହୀରାର ସହର ତାଳଚେର ଭାରି ଲୋଭନୀୟ ଦିଶେ ସକାଳେ ଆଉ ଗୋଧୂଳି ବେଳାରେ ପୁରୁଣା ପିଲାଦିନର ତାଳଚେର ମୋର ବହୁତ ପ୍ରିୟ ଥିଲା । ବାପା ଥିଲେ ଶିକ୍ଷକ ଓ କବି । ଅଧା ଟିଉସନ୍‌ରୁ ଦଉଡ଼ି ଆସି ବୋଉ ରାନ୍ଧିଥିବା ଅଫୁଟା ଡାଲିପାଣି, ମାଆଙ୍କ କଷାର ଆଳୁ ଖାଇବା ମୋର ରବିବାରର ମୁଖ୍ୟ କାମ । ରବିବାର ସକାଳୁ ଗୋଟେ ଘଣ୍ଟା ବାଗ୍ମୀ, ଗୀଟାର ଓ ବେଞ୍ଜୋରେ କଟେ । ସମସ୍ତେ କହନ୍ତି ମୁଁ ଭଲ ପାଠ ପଢ଼େ । ସତରେ ବି ପାଠ, ଗୀତ, ବାଜା, ଅଭିନୟ ସବୁଥିରେ ଭଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ସାଥୀ ଝିଅମାନଙ୍କୁ ପ୍ରତିଯୋଗିତାରେ ହରେଇବା ମୋତେ ବେଶି ପସନ୍ଦ । ଥରେ ଚାରି ଜଣ ଝିଅ ସାଙ୍ଗ ମତେ ତଳେ ପକାଇ ସାର୍ଟ ଚିରି ଦେଇଥିଲେ । ସ୍କୁଲ ସାର୍ ମତେ ତଳୁ ଉଠାଇ ମୋ ପିଠି ଆଉଁସି ଦେଇଥିଲେ । ସେଇ ଝିଅମାନେ ଏବେ ମୋ ଲେଖାର ମୁଗ୍ଧ ପାଠିକା । ତଥାପି କାହିଁକି କେଜାଣି କିଏ ମୋତେ ସ୍ୱପ୍ନରେ ଡ଼ରାଏ । ମୁଁ ଚିଲ୍ଲାଏ ମୋ ଶେଯ ତଳେ କଳା ଗରିଲା ଟେ । ବୋଉ ବୁଝାଏ, ମୁଁ ପୁଣି ଶୋଇ ପଡ଼େ । ତାଳଚେର କୋଇଲା ଖଣିର ପୁଙ୍ଗାକୁ ମୋର ଭାରି ଡ଼ର । ମୁଁ ଚମକିଯାଏ । ବାପା କବି । ମୁଁ ପ୍ରଚୁର କବିତା ଲେଖେ । ମୋ ଭଉଣୀ କବିକନ୍ୟା ବି ଓଡ଼ିଶାର ଏକ ବିରଳ ପରିବାରରେ ମୋର ଜନ୍ମ ବୋଲି ଯେତେବେଳେ ଅନେକ କହନ୍ତି ମୋତେ ଖୁସିଲାଗେ । ମୋ ବାପା କବି ବିରଞ୍ଚି ମହାପାତ୍ରଙ୍କ କବିତା ମୋର ସବୁଠୁ ପ୍ରିୟ । ତାଙ୍କ କବିତା ପଢ଼ି ମୁଁ ଅନେକ ବକ୍ତୃତା ଓ ରଚନା ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି । କେବେକେବେ ମୁଁ ଦି ଚାରି ଦିନ ଭଲରେ ଖାଇ ପିଇ ପଢ଼ି ପାରେନି । ବୋଉ ପଚାରିଲେ କିଛି କହି ପାରେନି । ବେଳେବେଳେ ସ୍ୱପ୍ନ ସତ ହୁଏ, ବେଳେବେଳେ ସତ ପରେ ସ୍ୱପ୍ନ ହେଇ ଜୀଇ ରହେ । ପିଲାଦିନ ସେମିତି ଏକ ମତୁଆଲା ସତ, ଯାହା ଏବେ ଲାଗେ ଯେମିତି ସ୍ୱପ୍ନ । ମନେପଡ଼େ ସେ ଗୀତର ଆରମ୍ଭ ଧାଡ଼ି 'ଯିଏ ମୋତେ ଫେରେଇବ ମୋ ପିଲାଦିନ, ଲେଖିଯିବି ଆଖିରେ ମୁଁ ତା ପାଇଁ ସପନ' । ଆହୁରି ବି ଅନେକ କଥା ମନେପଡ଼େ ପିଲାଦିନେ ମାମୁଁ ଘରେ ସକାଳେ ଆଈ ଚୁଡ଼ା, ଦହି, ଗୁଡ଼, କ୍ଷୀର, ନଡ଼ିଆ କୋରା ବାଦାମ ମଞ୍ଜି ପକେଇ ସବୁ ନାତି ନାତୁଣୀଙ୍କୁ ଖୋଜେ । ସେଠି ସବୁବେଳେ ପ୍ରାୟ ପନ୍ଦର ନାତି,ନାତୁଣୀ ଥାଆନ୍ତି । ପର୍ବଗୁଡ଼ିକରେ ଏ ଚାଳିଶିରୁ ବେଶି ଖରାଦିନ ସଞ୍ଜବେଳେ ଗୋଟେ ହଣ୍ଡାରେ ସନ୍ତୁଳା ବଘରା ହୁଏ, ଲାଗେ ଯେମିତି ଭୋଜିଭାତ ଚାଲିଛି । ମୋ ମାମୁଘର ଗାଁ ଶିଖରପୁରରେ ନିଚ୍ଛକ ଗାଁର ଚିତ୍ର ଦେଖିବାକୁ ମିଳେ । ଶଗଡ଼, ଖଳାବାଡ଼ି, ଧାନକଟା, ବିଲ ପାଖ ଜୋରରୁ ଚୁନା ମାଛ, ଛୋଟ କଙ୍କଡ଼ା ଧରା, ଖଳାକୁ ଧାନ ଆସିବା ଦୃଶ୍ୟକୁ ତ ପାସୋରି ହେବନି । ସତରେ ଏ ପିଲାଦିନ ଚିରକାଳ ସ୍ମରଣୀୟ । ◆



କବି ଅୟସକାନ୍ତ ନିଜ ପିଲାଦିନ ସଂପର୍କରେ ଯାହା କୁହନ୍ତି ।

## ଟେରେଛା ନଜର



ପବିତ୍ର ବ୍ରହ୍ମପୁତ୍ର ନାୟକ

ସାମ୍ବିଧାନିକ ଅଧିକାର ନେଇ ଝଡ଼ ଉଠିଛି  
କଉଠି ଜଳୁଛି ନିଆଁ  
କଉଠି ଉଠୁଛି ଧୂଆଁ  
ରାଜ୍ୟସଭା ନାଗରିକତ୍ୱ ବିଲ୍ ପାସ୍ ହୋଇଛି ।  
କର୍ଫ୍ୟୁ ହେଲେ ହେଉ  
ଝଡ଼ ହେଲେ ହେଉ  
କାହା ପାଇଁ କଉ କାମ ବାକି ରହିଛି । ◆

## ଫଟୋ ଏଥର



ଆମେ ତ ଭାବ୍ୟବାନ ପିଲାରେ ।